# REGIONAL NEWS UNIT, AIR CUTTACK

## Mid-day Bulletin (2.32PM)

### 12 September - 2024

### News Editor : Tapan Kumar Maharana

*********************************

## ମୁଖ୍ୟ ସମ୍ବାଦ

- ରାଜ୍ୟ କ୍ୟାବିନେଟ୍‌ରେ ଓଡ଼ିଶା ବେସାମରିକ ନିୟମାବଳୀ -୨୦୨୦ର ସଂଶୋଧନ ପ୍ରସ୍ତାବ ପାରିତ

– ଅଗ୍ନିବୀରମାନଙ୍କ ପାଇଁ ରହିବ ୧୦ ପ୍ରତିଶତ ସ୍ଥାନ ସଂରକ୍ଷଣ

– ଆଦାନୀ ଗ୍ରୁପ୍‌କୁ ମିଳିଲା ଗୋପାଳପୁର ବନ୍ଦର

- ରାଜ୍ୟରେ ବର୍ତ୍ତମାନ ସୁଦ୍ଧା ସ୍କ୍ରବ ଟାଇପସ୍‌ରେ କୌଣସି ବ୍ୟକ୍ତିଙ୍କର ମୃତ୍ୟୁ ହୋଇନାହିଁ ସ୍ପଷ୍ଟ କଲା ଜନସ୍ୱାସ୍ଥ୍ୟ ବିଭାଗ

- ସାଂସଦ ବଳଭଦ୍ର ମାଝୀ ମାଲକାନଗିରି ଜିଲ୍ଲାର ବନ୍ୟା ପ୍ରଭାବିତ ଅଞ୍ଚଳ କଲେ ପରିଦର୍ଶନ

ଏବଂ

- ବାଂଲାଦେଶ ଉପକୂଳରେ ଆସନ୍ତା ଦୁଇଦିନ ମଧ୍ୟରେ ଆଉ ଏକ ଘୂର୍ଣ୍ଣିବଳୟ ସୃଷ୍ଟି ହେବ ସୂଚନା ଦେଲା ପାଣିପାଗ ବିଭାଗ

***Desk***

# କ୍ୟାବିନେଟ୍ ବୈଠକ

ରାଜ୍ୟ ସରକାରଙ୍କ ଥଇଥାନ ଯୋଜନାରେ କୌଣସି କାର୍ଯ୍ୟରତ ସରକାରୀ କର୍ମଚାରୀଙ୍କ ମୃତ୍ୟୁ ହେଲେ ତାଙ୍କର ପରିବାରର ଝିଅ, ସାବତ ଝିଅ, ବିବାହିତ ଓ ନିର୍ଭରଶୀଳ ଝିଅଙ୍କୁ ଚାକିରି ମିଳିବ। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଅଧ୍ୟକ୍ଷତାରେ ଆଜି ଅନୁଷ୍ଠିତ ରାଜ୍ୟ କ୍ୟାବିନେଟ୍ ବୈଠକରେ ଏହି ପ୍ରସ୍ତାବ ସହିତ ତିନୋଟି ଗୁରୁତ୍ୱପୂର୍ଣ୍ଣ ପ୍ରସ୍ତାବକୁ ଅନୁମୋଦନ ମିଳିଛି। ଅନ୍ୟ ଏକ ଗୁରୁତ୍ୱପୂର୍ଣ୍ଣ ପ୍ରସ୍ତାବ ଅନୁସାରେ ରାଜ୍ୟ ସରକାର ଓଡ଼ିଶା ବେସାମରିକ ନିୟମାବଳୀ-୨୦୨୦ରେ ସଂଶୋଧନ କରିଛନ୍ତି। ପୁଲିସ ଅଗ୍ନିଶମ, ଜଙ୍ଗଲ, ଅବକାରୀ ବିଭାଗରେ ଅଗ୍ନିବୀରମାନଙ୍କ ପାଇଁ ୧୦ ପ୍ରତିଶତ ସ୍ଥାନ ସଂରକ୍ଷିତ ରହିବ। କ୍ୟାବିନେଟ୍ ବୈଠକ ପରେ ସାମ୍ବାଦିକମାନଙ୍କୁ ସୂଚନା ଦେଇ ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା କହିଛନ୍ତି, ଗୋପାଳପୁର ବନ୍ଦରକୁ ଆଦାନୀ ଗ୍ରୁପ୍‌କୁ ହସ୍ତାନ୍ତର କରାଯିବା ନେଇ ବୈଠକରେ ଅନୁମୋଦନ ମିଳିଛି। ଆଦାନୀ ଗ୍ରୁପର ଅଂଶଧନ ୯୫ ପ୍ରତିଶତ ଏବଂ ଓଡ଼ିଶା ଷ୍ଟିଭେଡୋରସ ଲିମିଟେଡ୍‌ର ୫ ପ୍ରତିଶତ ଅଂଶଧନ ରହିବ ବୋଲି କ୍ୟାବିନେଟ୍‌ରେ ନିଷ୍ପତ୍ତି ହୋଇଛି। ସେ କହିଛନ୍ତି...

**- V/O –**

*HS*

## ଡେଙ୍ଗୁ ଓ ସ୍କ୍ରବ ଟାଇପସ୍‌– ଜନସ୍ୱାସ୍ଥ୍ୟ ବିଭାଗ

ରାଜ୍ୟରେ ବର୍ତ୍ତମାନ ସୁଦ୍ଧା ୫ ହଜାର ୧୩୦ ଜଣ ଡେଙ୍ଗୁ ରୋଗୀ ଚିହ୍ନଟ ହୋଇଛନ୍ତି ବୋଲି ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ ଡାକ୍ତର ନୀଳକଣ୍ଠ ମିଶ୍ର କହିଛନ୍ତି । ତେବେ ଡେଙ୍ଗୁରେ ଏ ପର୍ଯ୍ୟନ୍ତ କାହାର ମୃତ୍ୟୁ ହୋଇଥିବା ନେଇ ଖବର ହସ୍ତଗତ ହୋଇନାହିଁ ବୋଲି ସେ ସ୍ପଷ୍ଟ କରିଛନ୍ତି । ସ୍କ୍ରବଟାଇପସ୍‌ରେ ବରଗଡ଼ ଜିଲ୍ଲାରେ ୪ ଜଣଙ୍କର ମୃତ୍ୟୁ ହୋଇଥିବା ନେଇ କୌଣସି ସ୍ପଷ୍ଟ ସୂଚନା ମିଳିନାହିଁ । ଅଭିଯୋଗ ଆସିଥିବା ଅଞ୍ଚଳରୁ ଏ ନେଇ ପରୀକ୍ଷା ପରେ ସ୍ପଷ୍ଟ ସୂଚନା ଜଣାପଡ଼ିବ । କେନ୍ଦ୍ରାପଡ଼ା ଓ ପୁରୀର ବାର୍ଡ ଫ୍ଲୁ ପ୍ରଭାବିତ ଅଞ୍ଚଳରେ କୁକୁଡ଼ା ମରା କାର୍ଯ୍ୟ ଶେଷ ହୋଇଛି । ଯାଜପୁର ଏବଂ କଟକର କିଛି ଅଞ୍ଚଳରେ କୁକୁଡ଼ା ମରା କାର୍ଯ୍ୟ ଆରମ୍ଭ ହୋଇଛି । ପ୍ରଭାବିତ ଅଞ୍ଚଳର କୁକୁଡ଼ା ଏବଂ ଅଣ୍ଡା ନଖାଇବାକୁ ଡାକ୍ତର ମିଶ୍ର ପରାମର୍ଶ ଦେଇଛନ୍ତି । ମଙ୍କିପକ୍ସ ରୋଗର ସ୍ଥିତି ନେଇ ସମୀକ୍ଷା କରାଯାଇଛି । ଏହାର ଚିକିତ୍ସା ତଥା ନିରାକରଣ ଲକ୍ଷ୍ୟରେ ମାର୍ଗଦର୍ଶିକା ଜାରି କରାଯାଇଛି ବୋଲି ସେ କହିଛନ୍ତି ।

*Desk*

## ବୃଦ୍ଧାଶ୍ରମ ଅନୁଦାନ

କେନ୍ଦ୍ର ଅନୁଦାନରେ ରାଜ୍ୟରେ ୮୬ଟି ବୃଦ୍ଧାଶ୍ରମ କାର୍ଯ୍ୟ କରୁଛି । ଏହା ବ୍ୟତୀତ ରାଜ୍ୟ ସରକାରଙ୍କ ସହଯୋଗରେ ୫ଟି ବୃଦ୍ଧାଶ୍ରମ ଚାଲୁଥିବା ନେଇ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ ପ୍ରମୁଖ ଶାସନ

ସଚିବ ବିଷ୍ଣୁପଦ ସେଠୀ ସୂଚନା ଦେଇଛନ୍ତି। କେନ୍ଦ୍ର ସାମାଜିକ ନ୍ୟାୟ ଓ ସଶକ୍ତିକରଣ ମନ୍ତ୍ରୀ ରାମଦାସ ଅଠାଓ୍ୱଲେଙ୍କ ଅଧ୍ୟକ୍ଷତାରେ ଗତକାଲି ଭୁବନେଶ୍ୱରଠାରେ ବିଭାଗୀୟ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଥିଲା। ବେସରକାରୀ ଅନୁଷ୍ଠାନ ଦ୍ୱାରା ପରିଚାଳିତ ବୃଦ୍ଧାଶ୍ରମଗୁଡ଼ିକ କେନ୍ଦ୍ର ସରକାର ସିଧାସଳଖ ଅନୁଦାନ ପ୍ରଦାନ କରିଥାନ୍ତି। ରାଜ୍ୟ ସରକାର ୪ଟି ବୃଦ୍ଧାଶ୍ରମକୁ ବାର୍ଷିକ ୧୫ ଲକ୍ଷ ୩୧ ହଜାର ୩୫୦ ଟଙ୍କା ପ୍ରଦାନ କରୁଛନ୍ତି ବୋଲି ବୈଠକରେ ଶ୍ରୀ ସେଠୀ ସୂଚନା ଦେଇଥିଲେ। ଗତ ଆର୍ଥିକ ବର୍ଷରେ ୧୬ଟି ନୂତନ ବୃଦ୍ଧାଶ୍ରମର ପ୍ରସ୍ତାବ କେନ୍ଦ୍ର ସରକାରଙ୍କ ଅନୁମୋଦନ ଅପେକ୍ଷାରେ ରହିଛି ବୋଲି ବୈଠକରୁ ଜଣାପଡ଼ିଛି। ଏହି ବୈଠକରେ ଜାତୀୟ ସାମାଜିକ ସହାୟତା କାର୍ଯ୍ୟକ୍ରମ, ରାଜ୍ୟ ମଧୁବାବୁ ପେନସନ୍ ଯୋଜନା ଉପରେ ଆଲୋଚନା ହୋଇଛି।

***Desk***

## ଉଡ଼ାନ୍ ଯୋଜନା

ବିଶ୍ୱର ଦ୍ରୁତ ଅଭିବୃଦ୍ଧିଶୀଳ ବିମାନ ଚଳାଚଳ ବଜାରଭାବେ ଭାରତ ମାନ୍ୟତା ପାଇଛି। ବେସାମରିକ ବିମାନ ଚଳାଚଳ ମନ୍ତ୍ରଣାଳୟ ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ, ଘରୋଇ ବିମାନସେବା କ୍ଷେତ୍ରରେ ଭାରତ ତୃତୀୟ ବୃହତ୍ ବଜାର ବୋଲି ଜଣାପଡ଼ିଛି। ଗତ ୧୦ ବର୍ଷ ମଧ୍ୟରେ ଦେଶର ବିମାନ ସଂଖ୍ୟା ୪୦୦ରୁ ୮୦୦କୁ ବୃଦ୍ଧି ପାଇଛି। ସେହିଭଳି ବିମାନ ବନ୍ଦର ସଂଖ୍ୟା ମଧ୍ୟ ୭୪ରୁ ବୃଦ୍ଧି ପାଇ ୧୫୭ରେ ପହଁଞ୍ଚିଛି।

ଉଡ଼ାନ୍ ଯୋଜନା ଆଞ୍ଚଳିକ ସଂଯୋଗୀକରଣକୁ ବୃଦ୍ଧି କରିବାରେ ସହାୟକ ହୋଇଛି ବୋଲି ମନ୍ତ୍ରଣାଳୟ ସୂଚନା ଦେଇଛି।

***Malkangiri***

## ସଂସଦ ସଦସ୍ୟ– ବନ୍ୟା ସ୍ଥିତି ସମୀକ୍ଷା

ଲୋକସଭା ସଦସ୍ୟ ବଳଭଦ୍ର ମାଝୀ ଆଜି ମାଲକାନଗିରି ଜିଲ୍ଲାର ବନ୍ୟା ପ୍ରଭାବିତ ଅଞ୍ଚଳ ପରିଦର୍ଶନ କରିଛନ୍ତି। ପୋଟେରୁ, ଏମ୍.ପି.ଭି.-୧୬ ଏବଂ ଏମ୍.ପି.ଭି-୬ ଗ୍ରାମ ଗସ୍ତ କରି ସ୍ଥିତି ଅନୁଧ୍ୟାନ କରି ଗ୍ରାମବାସୀଙ୍କ ସହ ଆଲୋଚନା କରିଛନ୍ତି। ବନ୍ୟା କ୍ଷତିଗ୍ରସ୍ତଙ୍କୁ ଯଥାଶୀଘ୍ର କ୍ଷତିପୂରଣ ପ୍ରଦାନ କରାଯିବ ବୋଲି ସେ ପ୍ରତିଶ୍ରୁତି ଦେଇଛନ୍ତି।

***DHNKL/BHK***

## ସ୍ୱଚ୍ଛତା ହିଁ ସେବା କାର୍ଯ୍ୟକ୍ରମ

ସ୍ୱଚ୍ଛ ଭାରତ ଅଭିଯାନର ୧୦ ବର୍ଷ ପୂର୍ତ୍ତି ପାଳନ ଅବସରରେ ଆସନ୍ତା ୧୭ରୁ ଅକ୍ଟୋବର ୧ ତାରିଖ ପର୍ଯ୍ୟନ୍ତ 'ସ୍ୱଚ୍ଛତା ହିଁ ସେବା' ଅଭିଯାନ ଅନୁଷ୍ଠିତ ହେବ। ଅକ୍ଟୋବର ୨ ତାରିଖ ଦିନ ସ୍ୱଚ୍ଛତା ଦିବସ ପାଳନ କରାଯିବ। ଏହାକୁ ସଫଳତାର ସହ ସମ୍ପନ୍ନ କରିବା ଲକ୍ଷ୍ୟରେ ଭଦ୍ରକ ଜିଲ୍ଲାସ୍ତରୀୟ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାପାଳ ଦିଲ୍ଲୀପ ରାଉତରାୟଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ପଞ୍ଚାୟତିରାଜ, ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗର ମିଳିତ ସହଯୋଗରେ ସ୍ୱଚ୍ଛତା ଅଭିଯାନ ରୂପରେଖ ନେଇ ଆଲୋଚନା ହୋଇଛି।

ଢେଙ୍କାନାଳ ପୌର ସମ୍ମିଳନୀ କକ୍ଷରେ ମଧ୍ୟ ଏ ନେଇ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଛି । ସହରକୁ ପ୍ଲାଷ୍ଟିକ ଓ ପଲିଥିନ ମୁକ୍ତ କରିବା ପାଇଁ ଏହି ଅଭିଯାନରେ ପ୍ରାଥମିକତା ପ୍ରଦାନ କରାଯିବ ବୋଲି ବୈଠକରେ ନିଷ୍ପତ୍ତି ନିଆଯାଇଛି । ସହରର ୨୩ଟି ଯାକ ୱାର୍ଡରେ ଏହି ଅଭିଯାନ ନେଇ ଜନସଚେତନତା କାର୍ଯ୍ୟକ୍ରମ କରିବାକୁ ନିଷ୍ପତ୍ତି ହୋଇଛି ।

***Nuapada***

## ସଂକଳ୍ପ ସମାବେଶ

ନୂଆପଡ଼ା ଜିଲ୍ଲା ଖଡ଼ିଆଳ ବ୍ଲକ ଡୁଆଁଝର ଗ୍ରାମ ପଞ୍ଚାୟତରେ ସୁଭଦ୍ରା ରଥକୁ ସ୍ୱାଗତ କରାଯାଇଛି । ସମସ୍ତ ଯୋଗ୍ୟ ମହିଳାଙ୍କୁ ଏହି ଯୋଜନାରେ ସାମିଲ କରିବା ନେଇ ଅଙ୍ଗନବାଡ଼ି କର୍ମୀ, ସ୍ୱୟଂସହାୟକ ଗୋଷ୍ଠୀ ସଦସ୍ୟଙ୍କୁ ପରାମର୍ଶ ଦିଆଯାଇଛି । ଏହି ପରିପ୍ରେକ୍ଷୀରେ ଅଙ୍ଗନବାଡ଼ି କର୍ମୀମାନଙ୍କୁ ନେଇ ଏକ ସଂକଳ୍ପ ସମାବେଶ ଅନୁଷ୍ଠିତ ହୋଇଥିଲା ।

***Nabarangpur***

## ଜନକଲ୍ୟାଣକାରୀ ଯୋଜନା ସମୀକ୍ଷା

ଦକ୍ଷିଣାଞ୍ଚଳ ରାଜସ୍ୱ କମିଶନର ରୂପା ରୋଶନ ସାହୁ ଆଜି ଦିନିକିଆ ନବରଙ୍ଗପୁର ଜିଲ୍ଲା ଗସ୍ତରେ ଯାଇ ସର୍କିଟ ହାଉସ୍‌ଠାରେ ଅନୁଷ୍ଠିତ ଏକ ବୈଠକରେ ବିଭିନ୍ନ ଜନକଲ୍ୟାଣକାରୀ ଯୋଜନାରେ ସ୍ଥିତି ନେଇ ସମୀକ୍ଷା କରିଛନ୍ତି । ବୈଠକରେ ଜିଲ୍ଲାପାଳ ଡକ୍ଟର ଶୁଭଙ୍କର ମହାପାତ୍ରଙ୍କ ସମେତ ବିଭିନ୍ନ ବିଭାଗୀୟ ଜିଲ୍ଲାସ୍ତରୀୟ ଅଧିକାରୀ ଯୋଗ ଦେଇଥିଲେ ।

***BBSR***

# ରେଳବାଇ

ପୂର୍ବତଟ ରେଳପଥ ଚଳିତ ଆର୍ଥିକ ବର୍ଷର ୧୬୦ଦିନ ମଧ୍ୟରେ ୧୦୦ ଦଶମିକ ୪/୪ ନିୟୁତ ଟନ୍ ପଣ୍ୟ ଅପସାରଣ କରି ରେକର୍ଡ ସୃଷ୍ଟି କରିଛି । ଗତ ଆର୍ଥିକ ବର୍ଷ ସମାନ ଅବଧି ସମୟରେ ହୋଇଥିବା ପଣ୍ୟ ଅପସାରଣ ତୁଳନାରେ ଏହା ୬ ଦଶମିକ ୧/୫ ନିୟୁତ ଟନ୍ ଅଧିକ । ସୂଚନା ଅନୁଯାୟୀ ଖୋର୍ଦ୍ଧାରୋଡ଼ ରେଳମଣ୍ଡଳରେ ୬୦ ଦଶମିକ ୩/୮ ନିୟୁତ ଟନ୍ ପଣ୍ୟ ଅପସାରଣ କରାଯାଉଥିବା ସମୟରେ ୱାଲ୍‌ଟିୟର ରେଳମଣ୍ଡଳରେ ୨୨ ଦଶମିକ ୬/୮ ଓ ସମ୍ବଲପୁର ରେଳମଣ୍ଡଳରେ ୧୭ ଦଶମିକ ୩/୮ ନିୟୁତ ଟନ୍ ପଣ୍ୟ ଅପସାରଣ କରାଯାଇଛି ।

***Puri***

# ଅତିବଡ଼ି ଜଗନ୍ନାଥ ଦାସଙ୍କ ଜୟନ୍ତୀ

ଅତିବଡ଼ି ଜଗନ୍ନାଥ ଦାସଙ୍କ ଜୟନ୍ତୀ ଆଜି ପୁରୀଠାରେ ପାଳିତ ହୋଇଯାଇଛି। ଏ ନେଇ ଶ୍ରୀମନ୍ଦିର ସିଂହଦ୍ୱାରଠାରେ ସମୁଦ୍ରକୂଳ ସାତ ଲହଡ଼ି ମଠ ପର୍ଯ୍ୟନ୍ତ ଭାଗବତ ସଚେତନତା ନେଇ ଏକ ପଦଯାତ୍ରା ଅନୁଷ୍ଠିତ ହୋଇଛି। ଓଡ଼ିଶା ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଆନୁକୂଲ୍ୟରେ ଏହି ପଦଯାତ୍ରାର ଆୟୋଜନ କରାଯାଇଛି।

*Khorda*

## ଜନସେବା କେନ୍ଦ୍ର ସିଲ୍

ସୁଭଦ୍ରା ଯୋଜନାରେ ପଞ୍ଜୀକରଣ ପାଇଁ ହିତାଧିକାରୀଙ୍କଠାରୁ ଅର୍ଥ ଦାବି କରୁଥିବା ଅଭିଯୋଗରେ ଖୋର୍ଦ୍ଧା ଜିଲ୍ଲା ପ୍ରଶାସନ ଏକ ଜନସେବା କେନ୍ଦ୍ରକୁ ସିଲ୍ କରି ଦେଇଛି । ପୌରାଞ୍ଚଳର ମୁକୁନ୍ଦପ୍ରସାଦ ଠାରେ ଥିବା ଏକ ଜନସେବା କେନ୍ଦ୍ର ହିତାଧିକାରୀଙ୍କଠାରୁ ଅର୍ଥ ଦାବି କରାଯାଉଥିବା ନେଇ ଅଭିଯୋଗ ମିଳିଥିଲା । ଜିଲ୍ଲା ପ୍ରଶାସନର ନିର୍ଦ୍ଦେଶକ୍ରମେ ପୌରପରିଷଦ ବିଭାଗୀୟ ଅଧିକାରୀ ଏବଂ ଟାଉନ୍ ଥାନା ପୁଲିସ ସେଠାରେ ପହଁଞ୍ଚି ସେହି ଜନସେବା କେନ୍ଦ୍ରଟିକୁ ସିଲ୍ କରିଦେଇଛି ।

*Puri*

## କୁସ୍ତି ବିଜେତା ସମ୍ମାନ

ପୁରୀ ଶ୍ରୀମନ୍ଦିରରେ କାର୍ଯ୍ୟରତ ୨ଜଣ ଜଗନ୍ନାଥ ମନ୍ଦିର ପୁଲିସ କର୍ମଚାରୀ କୁସ୍ତି ବିଜେତାଙ୍କୁ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଅରବିନ୍ଦ ପାଢ଼ୀ ସମ୍ମାନିତ କରିଛନ୍ତି । ନେପାଳ କାଠମାଣ୍ଡୁର ବୌଦ୍ଧ ଦିବ୍ୟନଗରଠାରେ ଆୟୋଜିତ ସାଉଥ୍ ଏସିଆନ୍ କମ୍ବାଟ କୁସ୍ତିଯୋଦ୍ଧା ପ୍ରତିଯୋଗିତାରେ ୧୧୦କିଲୋ ବର୍ଗରେ ସନ୍ତୋଷ କୁମାର ଦାସ ଏବଂ ୭୫ କିଲୋଗ୍ରାମ ବର୍ଗରେ ହେମନ୍ତ ଭୋଇ ପ୍ରଥମ ସ୍ଥାନ ଅଧିକାର କରିବା ସହ ସ୍ୱର୍ଣ୍ଣପଦକ ହାସଲ କରିଛନ୍ତି ।

*Desk*

## ମୋବାଇଲ ନମ୍ବର ବନ୍ଦ

ଜାଲ୍ କାଗଜପତ୍ର ମାଧ୍ୟମରେ ସଂଗୃହୀତ ମୋବାଇଲ ନମ୍ବର ଗୁଡ଼ିକୁ ବିଚ୍ଛିନ୍ନ କରିବା ଲାଗି ଦୂରସଂଚାର ବିଭାଗ ପକ୍ଷରୁ ପଦକ୍ଷେପ ନିଆଯାଇଛି । ମିଳିଥିବା ସୂଚନା ଅନୁସାରେ, ବର୍ତ୍ତମାନ ସୁଦ୍ଧା ପ୍ରାୟ ୧ କୋଟି ମୋବାଇଲ ନମ୍ବରକୁ ବନ୍ଦ କରି ଦିଆଯାଇଛି । ସାଇବର ଠକେଇକୁ ଦୃଷ୍ଟିରେ ରଖି ଏହି ପଦକ୍ଷେପ ନିଆଯାଇଛି । ସ୍ପାମ୍ କଲକୁ ରୋକିବା ପାଇଁ ଭାରତୀୟ ଟେଲିକମ୍ ନିୟାମକ ପ୍ରାଧିକରଣ– ଟ୍ରାଇ ପକ୍ଷରୁ ପୂର୍ବରୁ ଟେଲିକମ୍ ଅପରେଟରମାନଙ୍କୁ ନିର୍ଦ୍ଦେଶନାମା ଜାରି କରାଯାଇଥିଲା । ସୂଚନାଯୋଗ୍ୟ, ଗତ ବର୍ଷ ମଧ ପ୍ରାୟ ସାଢ଼େ ୩ ଲକ୍ଷ ମୋବାଇଲ ନମ୍ବରକୁ ବନ୍ଦ କରାଯାଇଥିଲା ।

***Desk***

## ପାଣିପାଗ

ମିଆଁମାରର କେନ୍ଦ୍ରୀୟ ଅଞ୍ଚଳରେ ଏକ ଘୂର୍ଣ୍ଣିବଳୟ ସୃଷ୍ଟି ହୋଇଛି । ଆସନ୍ତା ଦୁଇ ଦିନ ମଧ୍ୟରେ ଘୂର୍ଣ୍ଣିବଳୟଟି ବାଂଲାଦେଶ ଉପକୂଳ ଏବଂ ପାର୍ଶ୍ୱବର୍ତ୍ତୀ ଉତ୍ତର-ପଶ୍ଚିମ ବଙ୍ଗୋପସାଗର ଆଡ଼େ ଗତି କରିବ ବୋଲି ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ କୁହାଯାଇଛି । ଏହାର ପ୍ରଭାବରେ ଚଳିତ ସପ୍ତାହର ଶେଷ ପର୍ଯ୍ୟନ୍ତ ରାଜ୍ୟରେ ବର୍ଷାର ସମ୍ଭାବନା ରହିଛି । ଅନ୍ୟପକ୍ଷରେ’ ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡ଼ା, କଟକ, ଜଗତସିଂହପୁର, ପୁରୀ, ଖୋର୍ଦ୍ଧା, ନୟାଗଡ଼, ଗଞ୍ଜାମ, ଗଜପତି, ମୟୂରଭଞ୍ଜ, କେନ୍ଦୁଝର ଏବଂ ସୁନ୍ଦରଗଡ଼ ଜିଲ୍ଲାର

କେତେକ ସ୍ଥାନରେ ଆଜି ଘଡ଼ଘଡ଼ି ସହିତ ବର୍ଷା ହେବାର ସମ୍ଭାବନା ଅଛି ବୋଲି ପାଣିପାଗ ବିଭାଗ ଅନୁମାନ କରିଛି ।

**********************************